

**ଦିଗପହଣ୍ଡି (ଡି.ଏନ୍.ଏ.):** ଦିଗପହଣ୍ଡି ପୁଞ୍ଜକଁୟା ଛକ ନିକଟ ୩୧୭ ନଂ. ଜାତୀୟ ରାଜପଥ ଡିଭାଇଡର ଉପରେ ମଙ୍ଗଳବାର ଏକ ଚଳନ୍ତା କାର ଚଢ଼ି ଯିବାରୁ ଦୁର୍ଘଟଣା ଘଟିଛି। ସକାଳ ପ୍ରାୟ ୬ଟାରେ ବ୍ରହ୍ମପୁରରୁ ଗଜପତି ଜିଲା ମୋହନା ଅଭିମୁଖେ ଯାଉଥିବା କାର (ନଂ. ଓଡ଼ି ୦୭ ଟି - ୫୬୬୫) ନିୟନ୍ତ୍ରଣ ହରାଇ ଡିଭାଇଡର ଉପରେ ଚଢ଼ି ଯାଇଥିଲା। ଦୁର୍ଘଟଣାରେ କାର ଭାଙ୍ଗିରୁଜି ଯାଇଥିବା ବେଳେ ଚାଳକଙ୍କ ସମେତ ୨ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଶେରଗଡ଼ରେ ୧୭ ହଜାର ସ୍ୱାବ୍ ପରୀକ୍ଷା

**ଶେରଗଡ଼,୨୨।୯(ଡି.ଏନ.ଏ.):** ଶେରଗଡ ବ୍ଲକରେ ଦୁଇଟି ଟିମ୍ ପକ୍ଷରୁ ୨୨ ପଞ୍ଚାୟତ ୯୫ ଗ୍ରାମରେ ତିନିଟି ପର୍ଯ୍ୟାୟରେ ୧୭ ହଜାରରୁ ଅଧିକ ସ୍ୱାବ୍ ପରୀକ୍ଷା କରାଯାଇଛି। ସମସ୍ତ ଗ୍ରାମରେ ଅମ୍ଳଜାନ ସ୍ତର ମପା ସରିଛି। ଅଙ୍ଗନବାଡି, ଆଶା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଜରିଆରେ ନିୟମିତ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖାଯାଉଛି। ଗ୍ରାମର ସମସ୍ତଙ୍କ ସ୍ୱାବ୍ ପରୀକ୍ଷା କରାଯିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ବିଡିଓ ସୁରଞ୍ଜନ କୁମାର ସାହୁ କହିଛନ୍ତି।

### ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ

**ବ୍ରହ୍ମପୁର ଅଫିସ,୨୨।୯-** ଗଞ୍ଜାମ ଜିଲାରେ କରୋନା ସଂକ୍ରମଣର ମୁକାବିଲା ପାଇଁ କଡ଼ା କଟକଣା ଜାରି କରାଯାଇଛି। ଗତ ସୋମବାରରୁ ମଙ୍ଗଳବାର ସକାଳ ୬ ଟା ସୁଦ୍ଧା ପୋଲିସ ପକ୍ଷରୁ ବିଭିନ୍ନ ଛକରେ ଚେକିଂ କରାଯାଇ ମାସ୍କ ପିନ୍ଧି ନ ଥିବା ୨୮ ଲୋକଙ୍କଠାରୁ ୫ ହଜାର ୬ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୧୬୪ ଗାଡି ଚାଳକଙ୍କୁ ୮୨ ହଜାର ଜରିମାନା ଧାର୍ଯ୍ୟ କରାଯାଇଛି। ସେହିପରି ବେଆଇନ ମଦ ବିକ୍ରି କରାଯାଉଥିବା ୫ଟି ସ୍ଥାନରେ ଚଢାଉ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରିଥିବା ଅମାନିଆଙ୍କଠାରୁ ୫ ହଜାର ଟଙ୍କା ପୋଲିସ ଜରିମାନା ଆଦାୟ କରିଛି।

### ରି-ଆଡ୍‌ମିଶନ ଫି ହ୍ରାସ ଦାବି

**ବାଲିଗୁଡ଼ା,୨୨।୯(ଡି.ଏନ.ଏ.):** କରୋନା ସଙ୍କଟ ସମୟରେ ରି-ଆଡ୍‌ମିଶନ ଫି ବୃଦ୍ଧି ଛାତ୍ରୀଛାତ୍ରଙ୍କ ଚିନ୍ତା ବଢ଼ାଇଦେଇଛି। ଏହାର ପ୍ରତିବାଦରେ ରି-ଆଡ୍‌ମିଶନ ଫି ହ୍ରାସ କରିବାକୁ ଦାବି କରି ମଙ୍ଗଳବାର ବାଲିଗୁଡ଼ା ଉପଖଣ୍ଡ ଟିକାବାଲିସ୍ଥିତ ଏଏମ୍‌ଏସ୍‌ର ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଟିକାବାଲି ସ୍ଥିତ ଏଏମ୍‌ଏସ୍ ମହାବିଦ୍ୟାଳୟର ସ୍ନାତକ କଳା ଓ ବିଜ୍ଞାନର ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କ ଦାବିପତ୍ର ପ୍ରକାରେ, କରୋନା ମହାମାରୀ ଯୋଗୁଁ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରମାନଙ୍କର ପରିବାରବର୍ଗଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡ଼ିଛି। ଏହି ସଙ୍କଟ ସମୟରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଆବଶ୍ୟକତାଠାରୁ ଅଧିକ ଅର୍ଥ ଦାବି କରିଛନ୍ତି। ତେଣୁ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ରି-ଆଡ୍‌ମିଶନ ଫି ହ୍ରାସ କରିବା ସହିତ ଛାତ୍ରୀଛାତ୍ରମାନଙ୍କର ସକ୍ଷମ ମୁତାବକ ଫି-ଧାର୍ଯ୍ୟ କରିବାକୁ ନିବେଦନ କରି ଦାବିପତ୍ର ପ୍ରଦାନ କରିଛନ୍ତି।

### ଚାଷୀଙ୍କୁ ରାସାୟନିକ କିଟ୍ ପ୍ରଦାନ

**ସୋରଡ଼ା,୨୨।୯(ଡି.ଏନ୍.ଏ.)-** ଓୟୁଏଟି ଭୁବନେଶ୍ୱର ଦ୍ୱାରା ପରିଚାଳିତ ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ସହଯୋଗରେ ସୋରଡା ବ୍ଲକ ସୋରିଷବିଲି, ଲାଠିପଡା ଠାରେ ଧାନ ଓ ପନିପରିବା ଚାଷରେ ରୋଗପୋକ ଚିହ୍ନଟ କରାଯାଇ ନିରାକରଣ ଉପାୟ କୁହାଯାଇଥିଲା। ଏହି ଅବସରରେ ଚାଷୀମାନଙ୍କୁ ରାସାୟନିକ କିଟ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବୈଜ୍ଞାନିକ ପ୍ରଶାନ୍ତ ପଣ୍ଡା ପରିଚାଳନା କରିଥିଲେ।

### ଶିକ୍ଷକ ନେତାଙ୍କ ପରଲୋକ

**ଭଞ୍ଜନଗର,୨୨।୯(ଡି.ଏନ.ଏ):** ରାଜ୍ୟସ୍ତରୀୟ ଶିକ୍ଷକ ନେତା ତଥା ଭଞ୍ଜନଗର ଗୋପାଳ ସମାଜର ସଭାପତି ବୀରେନ୍ଦ୍ର ଗୌଡ଼ (୫୯)ଙ୍କ ସୋମବାର ପରଲୋକ ଘଟିଛି। ସେ ବର୍ତ୍ତମାନ ଭଞ୍ଜନଗର ବ୍ଲକ ଗୁରାବାଡ଼ି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଏଥିସହ ଭଞ୍ଜନଗର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମ୍ପାଦକ ସମେତ ବିଭିନ୍ନ ପଦପଦବୀରେ ଥିଲେ। ଲଣ୍ଡେଇସାହିସ୍ଥିତ ତାଙ୍କ ବାସଭବନରେ ଗୌଡ଼ ଥିବାବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୌଡ଼ ପୂର୍ବତନ ବିଧାୟକ ସ୍ୱର୍ଗତ ରାମକୃଷ୍ଣ ଗୌଡ଼ଙ୍କ ଜ୍ୱାଇଁ ଥିଲେ। ଗୌଡ଼ଙ୍କ ବିୟୋଗରେ ଶ୍ରୀ ଅରବିନ୍ଦପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଏକ ଶୋକସଭା ହୋଇଥିଲା। ଶିକ୍ଷାନୁଷ୍ଠାନର ସଭାପତି କୃତୀବାସ ବିଶ୍ୱାଳ ଅଧକ୍ଷତା କରିଥିଲେ। ସେହିଭଳି ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର କର୍ମଚାରୀ ସନ୍ତୋଷ ବିଷୋୟୀ ମଧ ସକାଳେ ଅକାଳ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ କଲେଜରେ ଅନୁଷ୍ଠିତ ଶୋକସଭାରେ ଅଧକ୍ଷ ଡ.ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିବା ବେଳେ ପ୍ରାଧାପକ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଏସ୍.କେ.ମିଶ୍ର, ରବୀନ୍ଦ୍ର ନାଥ ପାଳ, ରାଜେନ୍ଦ୍ର କୁମାର ଦାସ, ମୁଖ୍ୟ କିରାଣି ଏସ୍.ଛାୟା ରାଓ ପ୍ରମୁଖ ଆତ୍ମାର ସଦ୍‌ଗତି କାମନା କରିଥିଲେ।

# କୋଭିଡ୍ ହସ୍ପିଟାଲ ଅଗ୍ନି ନିରାପତ୍ତା ଯାଞ୍ଚ

**ବ୍ରହ୍ମପୁର ଅଫିସ,୨୨।୯**

କରୋନା ମହାମାରୀ ରୋକିବା ପାଇଁ ସରକାର ଅନେକ ଯୋଜନା କରିଛନ୍ତି। କରୋନା ସଂକ୍ରମିତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କୋଭିଡ୍ ହସ୍ପିଟାଲ ଓ ହେଲଥ୍ ସେଣ୍ଟର କରିଛନ୍ତି। ହେଲେ ନିୟମନୁସାରେ ସେଗୁଡ଼ିକରେ ଠିକ୍ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ନଜରକୁ ଆସିଛି। ଗୁଜରାଟର ଅହମ୍ମଦାବାଦ, ଆନ୍ଧ୍ରପ୍ରଦେଶର ବିଜୟୱାଡା ଏବଂ ଓଡ଼ିଶାର କଟକ ଜଗତପୁରସ୍ଥିତ ସଦ୍‌ଗୁରୁ କୋଭିଡ୍ ହସ୍ପିଟାଲରେ ନିଆଁ ଲାଗିବା ଘଟଣା ସହଜରେ ଅନୁମେୟ କରି ହେଉଛି। ସଦ୍‌ଗୁରୁ ହସ୍ପିଟାଲ ଅଗ୍ନିକାଣ୍ଡ ପରେ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ କୋଭିଡ୍ ହସ୍ପିଟାଲଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କଡ଼ାକଡ଼ି କରାଯାଇଛି। ଏହି ଅଧାରରେ ଗଞ୍ଜାମ ଜିଲାରେ ଥିବା ଶୀତଳାପଲ୍ଲୀସ୍ଥିତ ଟାଟା କୋଭିଡ୍ ହସ୍ପିଟାଲ, ଏମ୍‌କେସିଜିରେ ନୂତନ ଭାବେ ଖୋଲିଥିବା କୋଭିଡ ହସ୍ପିଟାଲ ଓ ରଣ୍ଡାସ୍ଥିତ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ ରହିଛି। ସେହିପରି ଆସ୍କା ବାବନପୁର ଓ ସିଟି ହସ୍ପିଟାଲରେ ଦୁଇଟି ହେଲଥ୍ କେୟାର ସେଣ୍ଟର ମଧ ରହିଛି। ଏହି ହସ୍ପିଟାଲ ଓ ହେଲଥ କେୟାର ସେଣ୍ଟର ଗୁଡ଼ିକର ଅଗ୍ନି ନିରାପତ୍ତା ଯାଞ୍ଚ



ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ଯାଞ୍ଚ କରାଯାଉଛି।

କରାଯାଇଛି। ମଙ୍ଗଳବାର ଜିଲା ଅଗ୍ନିଶମ ବିଭାଗ ତରଫରୁ ତିନୋଟି ଟିମ ଗଠନ କରି ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ ହେଲଥ୍ ସେଣ୍ଟର ଯାଇ ସେଠାରେ ମକଡ୍ରିଲ କରିଛନ୍ତି। ଏପରିକି ସେଠାରେ ଅଗ୍ନିକାଣ୍ଡ ଘଟିଲେ ଚିକିତ୍ସାଧୀନ ସଂକ୍ରମିତଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିନିଆଁକୁ କିପରି ଆୟତ୍ତ କରାଯିବ ସେନେଇ ତାଲିମ ଦିଆଯାଇଛି।

ଗଞ୍ଜାମ ଜିଲାରେ ମେ ୨ରେ ପ୍ରଥମଥର ପାଇଁ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏହାପରେ କରୋନାର ଭୟାବହତା ଦେଖି ଜିଲାରେ ୧୨ଟି କୋଭିଡ୍ ସେଣ୍ଟର, ୪ଟି କୋଭିଡ୍ ହେଲଥ୍ ସେଣ୍ଟର ଓ ତିନୋଟି କୋଭିଡ୍ ହସ୍ପିଟାଲ ହୋଇଥିଲା। ଗତ କିଛିଦିନ ତଳେ ସରକାର ପକ୍ଷରୁ ୧୨ଟି କୋଭିଡ୍ କେୟାର ସେଣ୍ଟର, ଭଞ୍ଜନଗର ଓ ସିଟି ହସ୍ପିଟାଲରେ ଥିବା ଗୋଟିଏ କୋଭିଡ୍ ହେଲଥ୍ ସେଣ୍ଟରକୁ ବନ୍ଦ କରାଯାଇଛି। ଏନେଇ ଜିଲା ଅଗ୍ନିଶମ ଅଧିକାରୀ ବି.କେ ସ୍ୱାଇଁ କହିଛନ୍ତି, କୋଭିଡ୍ ହସ୍ପିଟାଲଗୁଡ଼ିକରେ ଅଗ୍ନିଶମ ନିୟମାବଳୀ ଅନୁସାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି। ସେପଟେ ହେଲଥ କେୟାର ସେଣ୍ଟର ଗୁଡ଼ିକରେ ସେତେଟା ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ଜଣାପଡ଼ିଛି। ସେଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବାକୁ କୁହାଯାଇଛି। ସେହିପରି ଅଗ୍ନିଶମ ବିଭାଗର ଟିମ କୋଭିଡ ହସ୍ପିଟାଲଗୁଡ଼ିକରେ ମକଡ୍ରିଲ କରିବା ସହ ସେଠାକାର କର୍ମଚାରୀ, ନର୍ସମାନଙ୍କୁ ତାଲିମ ଦିଆଯାଇଛି ବୋଲି ସେ କହିଛନ୍ତି।

# କରୋନା ନିୟନ୍ତ୍ରଣ ପାଇଁ ଗଞ୍ଜାମ ମଡେଲ: ମୁଖ୍ୟମନ୍ତ୍ରୀ

**ଛତ୍ରପୁର, ୨୨।୯(ଡି.ଏନ୍.ଏ.)**

କରୋନା ନିୟନ୍ତ୍ରଣ କରିବା ନେଇ ଗଞ୍ଜାମ ମଡେଲକୁ ଓଡିଶାର ଅନ୍ୟ ଜିଲ୍ଲାଗୁଡିକ ଆପଣେଇବା ଆବଶ୍ୟକ। ସାମାଜିକ ଦୂରତା, କଣ୍ଟେନ୍‌ମେଣ୍ଟ ସୁବ୍ୟବସ୍ଥା, ବାରମ୍ବାର ଘର ସ୍ୱାସ୍ଥ୍ୟ ସ୍କ୍ରିନିଂ, କମ୍ୟୁନିଟିରେ ଆକ୍ଟିଭ ସହଯୋଗ, ଟ୍ରେସିଂ, ଟେଷ୍ଟିଂ ଓ ଚିକିତ୍ସା ପାଇଁ ଗଞ୍ଜାମ ଜିଲାରେ କରୋନା ନିୟନ୍ତ୍ରଣ ହେବା ସହ ପଜିଟିଭଙ୍କ ସଂଖ୍ୟା କମିବାରେ ସାହାଯ୍ୟ କରିଛି। ମଙ୍ଗଳବାର ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଦୀର୍ଘ ୩ ମାସ ପରେ ଗଞ୍ଜାମ ଜିଲାରେ ଦୈନିକ ପଜିଟିଭ ସଂଖ୍ୟା ୪୦ ତଳକୁ ଖସିଛି। ଜିଲ୍ଲାରେ ନୂଆ ୩୫ ପଜିଟିଭ ଚିହ୍ନଟ ହୋଇଛନ୍ତି। ଜୁନ ୨୨ରେ ଗଞ୍ଜାମରେ ଦୈନିକ ପଜିଟିଭ ସଂଖ୍ୟା ୩୦ରେ ରହିଛି। ସେପ୍ଟେମ୍ବର ୧ରେ ଗଞ୍ଜାମରେ ୧୬୯ ପଜିଟିଭ ଚିହ୍ନଟ ହୋଇଥିଲା। ସେପ୍ଟେମ୍ବର ୬ରୁ ଗଞ୍ଜାମରେ ଦୈନିକ ପଜିଟିଭ ସଂଖ୍ୟା ୨ ଅଙ୍କରେ ରହିଛି। ଅନ୍ୟପଟେ ଜିଲ୍ଲାରେ ୨୪୭ କରୋନା ଆକ୍ଟିଭ ଅଛନ୍ତି। ରାଜ୍ୟରେ ଗଜପତି, ଦେବଗଡ଼ ପରେ ଗଞ୍ଜାମ ୩ ନମ୍ବରରେ ରହିଛି। ଜିଲ୍ଲାର ୩୦୫୩ ଗାଁ ଗ୍ରୀନ୍ ଜୋନ୍‌ରେ ଥିବା ବେଳେ ୫୪୪ ରେଡ୍ ଜୋନରେ ରହିଛି। ସହରାଞ୍ଚଳର ୫୫ ପ୍ରତିଶତ ୱାର୍ଡ ଗ୍ରୀନ୍ ଜୋନ୍‌ରେ ରହିଛି। ଗଞ୍ଜାମରେ



ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍।

### ୩ମାସ ପରେ ତଳକୁ ଖସିଲା ପଜିଟିଭ ସଂଖ୍ୟା

ନୂଆ ୩୫ ପଜିଟିଭ ଚିହ୍ନଟ ହୋଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ସେଥିରେ ୪ କରୋନା ଯୋଦ୍ଧା ଅଛନ୍ତି। ଏଥିସହ ସୋମବାର କରୋନାରେ ୨ ଜଣଙ୍କ ଜୀବନ ଯାଇଛି। ବର୍ତ୍ତମାନ ସୁଦ୍ଧା ଗଞ୍ଜାମର ୧୯୭୧୦ ଆକ୍ରାନ୍ତ ଥିବା ବେଳେ ୧୯୨୩୭ ସୁସ୍ଥ ହୋଇଛନ୍ତି। ଗଞ୍ଜାମରେ ୨୪୭ କରୋନା ଆକ୍ଟିଭ ଅଛନ୍ତି ଏବଂ ୨୧୮ ମୃତ୍ୟୁ ଘଟିଛି। ସୋମବାର ୪୯୨୩ କରୋନା ଟେଷ୍ଟ କରାଯାଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଗଞ୍ଜାମରେ ୩ ଲକ୍ଷ ୮୯ ହଜାର ୯୨୦ ଜଣଙ୍କ କରୋନା ଟେଷ୍ଟ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

## ଫୋନ ପେରେ ଠକେଇ

**ହିଞ୍ଜିଳିକାଟୁ, ୨୨।୯(ଡି.ଏନ୍.ଏ)**

ହିଞ୍ଜିଳିକାଟୁ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଫୋନକୁ ଫୋନ ପେ' ପାଇଁ କେୱାଇସି ନାମରେ ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଠକାମିର ଶିକାର ହୋଇଛନ୍ତି ସ୍ଥାନୀୟ ସୋମପୁରର ଅଜୟ କୁମାର ଗୌଡ଼। ଅଜୟଙ୍କ ଏତଲାକୁ ଭିତ୍ତି କରି ହିଞ୍ଜିକାଟୁ ପୋଲିସ ନଂ. ୩୩୨/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ୧୬ତାରିଖରେ ଅଜୟଙ୍କ ମୋବାଇଲ ଫୋନ୍ କୁ ଏକ ନମ୍ବରରେ କଲ ଆସିଥିଲା। ଏଥିରେ ଫୋନ ପେ'ର ସୁବିଧା ହାସଲ ପାଇଁ କେୱାଇସି ପୂରଣ କରିବାକୁ କୁହାଯାଇଥିଲା। ଏଥିପାଇଁ ଅଜୟ ଏକ ୟୁପିଆଇ କୋଡ୍‌ରେ ପିନ କୋଡ଼ ଦେବାରୁ ତାଙ୍କର ବ୍ୟାଙ୍କ ଆକାଉଣ୍ଟରୁ ୨ କିସ୍ତିରେ ୩୮ହଜାର ୯୮୨ଟଙ୍କା କଟିଯାଇଥିଲା। ପରେ ଅଜୟ ଠକାମିର ଶିକାର ହୋଇଥିବା ଜାଣି ପୋଲିସକୁ ଜଣାଇଥିଲେ।

## ଶିକ୍ଷକଙ୍କୁ କରୋନା ଯୋଦ୍ଧା ସମ୍ମାନ

**ପାଟପୁର,୨୨।୯**

ସାନଖେମୁଣ୍ଡି ବ୍ଲକ ପୋଡାମାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଦାଶିବ ପାଢ଼ୀଙ୍କୁ ଶ୍ରବଣ ସେବା ଅନୁଷ୍ଠାନ ପକ୍ଷରୁ କରୋନା ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଇଛି। ସଦାଶିବ ଛାତ୍ରୀଛାତ୍ରମାନଙ୍କୁ ନାଚ ଗୀତ ମାଧ୍ୟମରେ ପାଠ ପଢାଇବା, କରୋନା ସମୟରେ ନିଜେ ରିକ୍ସା ଚଳାଇ ଛାତ୍ରୀଛାତ୍ରଙ୍କ ଘର ଘର ବୁଲି ବହି ବାଣ୍ଟିବା, ପ୍ରବାସୀଙ୍କୁ କରୋନା ବିଷୟରେ ସଚେତନତା କରାଇବା, ଗୁରୁ ଦିବସରେ ଶ୍ମଶାନ ଘାଟ ସଫା କରିବା ଓ ରଙ୍ଗ ଲେପନ କରି ପ୍ରଶଂସା ସାଉଁଟି ଥିଲେ। ତେଣୁ ଭଲ କାର୍ଯ୍ୟ ସକାଶେ କୋଦଳାର ଶ୍ରବଣ ସେବା ଅନୁଷ୍ଠାନ ସ୍ୱେଚ୍ଛାସେବୀମାନେ ପୋଡାମାରୀ ଗ୍ରାମରେ ପହଞ୍ଚି ଜଗନ୍ନାଥ ମନ୍ଦିର ପରିସରରେ ଶିକ୍ଷକ ସଦାଶିବଙ୍କୁ କରୋନା ଯୋଦ୍ଧା ଭାବେ ମାନପତ୍ର ପ୍ରଦାନ କରିବା ସହ ଉପଢୌକନ ଦେଇ ସମ୍ବର୍ଦ୍ଧନା କରିଥିଲେ। ଶ୍ରବଣ ସେବା ଅନୁଷ୍ଠାନର ସ୍ୱେଚ୍ଛାସେବୀ ଓ ବିନାୟକ କଳା ସଂସଦର ଯୁବକ ସହ ବରିଷ୍ଠ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଭେଟି ଫେରୁଛନ୍ତି।

# କୁମାରବେଗପଲିରେ ମରୁଡ଼ି

### ଜିଲାପାଳଙ୍କୁ ଭେଟିଲେ ଚାଷୀ

**ଛତ୍ରପୁର, ୨୨।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ତହସିଲ ତଥା ପୋଡ଼ାପଦର ପଞ୍ଚାୟତ ଅଧୀନ କୁମାରବେଗପଲି ଗାଁରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ଅନୁଧାନ କରି ସରକାରୀ ସହାୟତା ପ୍ରଦାନ ପାଇଁ ଗାଁର ଚାଷୀମାନେ ଦାବି କରି ମଙ୍ଗଳବାର ଛତ୍ରପୁର ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ପାଣି ଅଭାବରୁ ଗାଁର ଶତାଧିକ ଏକର ଜମିରେ ଚାଷ ନ ହୋଇ ପଡିଆ ପଡ଼ି ରହିଛି। ଗାଁର ଅନ୍ୟ ଚାଷୀମାନେ ଚଳିତବର୍ଷ ଧାନ ଫସଲ ପାଇଁ ବୁଣା କାର୍ଯ୍ୟ ଏବଂ ତଳି ଘରା ପ୍ରସ୍ତୁତ କରି ତଳି ପକାଇଥିଲେ। ତେବେ ନିଅଣ୍ଟିଆ ବର୍ଷା ସହ ଜଳସେଚନ ସମସ୍ୟା ଯୋଗୁଁ ଜମି ଫାଟି ଆଁ କଲାଣି। ଏଥିସହ ବୁଣା ଧାନ ଗଛ ଓ ଧାନ ତଳି ପୋଡି ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି। ମରୁଡ଼ି ପରିସ୍ଥିତିର ଉପଯୁକ୍ତ ଅନୁଧାନ କରି ସହାୟତା ପ୍ରଦାନ କଲେ ଜମିରେ ଅଣ ଧାନ କିମ୍ବା ସଅଳ କିସମ ଫସଲ କରିପାରିବୁ ଏବଂ ପରିବାରର ଗୁଜୁରାଣ ମେଣ୍ଟାଇବାରେ ସକ୍ଷମ ହୋଇପାରିବୁ ବୋଲି ଚାଷୀମାନେ କହିଛନ୍ତି।

## ସିପିଏମ୍ ପକ୍ଷରୁ ପ୍ରତିବାଦ ସଭା

**ଆସିକା/ରାୟଗଡ଼, ୨୨।୯ (ଡି.ଏନ୍.ଏ)**

କେନ୍ଦ୍ର ସରକାରଙ୍କ ଜନବିରୋଧୀ ଆଇନର ପ୍ରତିବାଦରେ ମଙ୍ଗଳବାର ଆସିକା ଶାଖା ସିପିଏମ ପକ୍ଷରୁ ସ୍ଥାନୀୟ ବସଷ୍ଟାଣ୍ଡଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ଚାଷି ବିରୋଧୀ ଆଇନର ପ୍ରତ୍ୟାହର, ବିଦ୍ୟୁତ୍ ସଂଶୋଧନ ଆଇନର ପ୍ରତ୍ୟାହାର, ପ୍ରତି ପରିବାରକୁ ମୁଣ୍ଡ ପିଛା ମାସକୁ ୧୦ କେଜି ଚାଉଳ ଓ ୭ କେଜି ଗହମ ୬ ମାସ ଯାଏଁ ମାଗଣାରେ ଯୋଗାଇବା, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନିୟୋଜିତ ଶ୍ରମିକଙ୍କୁ ଦୈନିକ ମଜୁରି ୬ଶହ ଟଙ୍କା ହିସାବରେ ୨ଶହ ଦିନର କାର୍ଯ୍ୟ ଯୋଗାଇବା ଏବଂ ବେକାରିଙ୍କୁ ନିଯୁକ୍ତି, ଭାତ୍ତା ଦେବା ଆଦି ଦାବି କରାଯାଇଥିଲା। ଆସିକା ଶାଖା ସିପିଏମ୍ ସମ୍ପାଦକ ଲକ୍ଷ୍ମଣ ପାଢୀଙ୍କ ଅଧକ୍ଷତାରେ ପ୍ରତିବାଦ ସଭାରେ କାଲୁ ସାହୁ, ଅମୂଲ୍ୟ ବେର୍ବା, ସୁବାସ ପ୍ରଧାନ, କିର୍ତ୍ତନ ଗୌଡ, ଜୟନ୍ତୀ ମହାନ୍ତି, ସୁମତି ପାଢୀ, ତାରା ଆଚାରୀ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମାରେ ସିପିଏମ୍‌ର ୬ ଦଫା ଦାବି ନେଇ ବଜାର ଛକଠାରେ ବିକ୍ଷୋଭ କରାଯାଇଥିଲା। ଏଥିରେ ସିପିଏମ୍ ନେତା ମୋହିତ ମିଶାଲ, ନିତ୍ୟାନନ୍ଦ ମଣ୍ଡଳ, କାହ୍ନେୟ ଶବ, କର୍ଣ୍ଣ ସ୍ୱାଲସିଂ ସମେତ କର୍ମୀମାନେ ଉପସ୍ଥିତ ଥିଲେ।



ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବାଇକ୍ ଜବତ, ୨ ଗିରଫ

**ଦିଗପହଣ୍ଡି,୨୨।୯(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ପୋଲିସ ସୋମବାର ରାତିରେ ଗାଙ୍ଗପୁର, କୁକୁଡ଼ାଖଣ୍ଡି ଓ ବନ୍ଧପଲ୍ଲୀ ଗାଁରୁ ୨ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ନିକଟରୁ ୨ଟି ବାଇକ୍ ଓ ୫ ଟି ମୋବାଇଲ ଫୋନ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ ଗତ ୧୩ ତାରିଖରେ ଦିଗପହଣ୍ଡି-ରାୟଗଡ଼ା ୩୧୭ନଂ ଜାତୀୟ ରାଜପଥର ଡେଙ୍ଗାଓସ୍ତା ଗ୍ରାମର ସାଇକେଲ ଚାଳକ ଶ୍ରୀଧର ପାଣିଗ୍ରାହୀଙ୍କଠାରୁ ଜୋର୍ ଜବରଦସ୍ତ ଫୋନକୁ ଛଡାଇ ବାଇକ୍ ଯୋଗେ ଚମ୍ପଟ ମାରିଥିଲେ। ଏ ନେଇ ନଂ.୨୦୬/୨୦ରେ ମାମଲା ରୁଜୁ ହୋଇଥିଲା।

## ହାତୀ ଆକ୍ରମଣରେ ଚାଷୀ ଗୁରୁତର

**ବୁଗୁଡ଼ା,୨୨।୯(ଡି.ଏନ.ଏ.)**

ବୁଗୁଡ଼ା ଥାନା ଜେକ ଗ୍ରାମରେ ସୋମବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଚାଷୀ ଗୁରୁତର ହୋଇଛନ୍ତି। ସେ ହେଲେ ସଂସାରୀ ପ୍ରଧାନ (୬୨)। ସଂସାରୀ ନିଜ ଫସଲ କିଆରିରେ ଫସଲ ଜଗିବାକୁ ଏକ କୁଡ଼ିଆ କରି ସେଠାରେ ଶୋଉଥିଲେ। ଗତ ରାତିରେ ମଧ ନିଜ କୁକୁରକୁ ସାଙ୍ଗରେ ନେଇ ସଂସାରୀ ଶୋଇଥିଲେ। ମଧରାତିରେ କୁକୁରଟି ଭୋକିବାରୁ ସଂସାରୀ ଉଠି ଟର୍ଚ୍ଚ ମାରି ଦେଖିଲା ବେଳକୁ କୁଡ଼ିଆପାଖ ଦେଇ ଯାଉଥିବା ଏକ ଦନ୍ତାହାତୀ ଉପରେ ଆଲୁଅ ପଡ଼ିଥିଲା। ଏଥିପାଇଁ ଦନ୍ତାହାତୀଟି ସଂସାରୀଙ୍କୁ ଶୁଣ୍ଢରେ ଧରି ଘୋଷାଡ଼ି ଘୋଷାଡ଼ି ନେଇ କିଛି ଦୂରରେ କଚାଡ଼ି ଦେଇଥିଲା। ସଂସାରୀଙ୍କଠାରୁ ସରପଞ୍ଚ ଧୋବା ପ୍ରଦାନ ଖବର ପାଇ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କୁ ଜଣାଇଥିଲେ। ଗୁରୁତର ସଂସାରୀଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ରହ୍ମପୁର ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ବନ ବିଭାଗ ପକ୍ଷରୁ ୫ ହଜାର ଟଙ୍କା ଗୁରୁତରଙ୍କୁ ଦିଆଯାଇଥିଲା। ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

## ଘରେ ବସି ପାଇପାରିବେ ରାଜସ୍ୱ ସେବା

**ଛତ୍ରପୁର, ୨୨।୯(ଡି.ଏନ୍.ଏ.)**

ଗଞ୍ଜାମରେ କୋଭିଡ୍ ପରିସ୍ଥିତିରେ ସୁଧାର ଆସିଥିଲେ ହେଁ ବିପଦ ଟଳିନି। କୋଭିଡ୍ ସମୟରେ ଜନସାଧାରଣ ନିଜକୁ ସଂକ୍ରମଣ ଠାରୁ ସୁରକ୍ଷିତ ରଖିଲେ ନିଜ ପରିବାର ସହ ସମାଜ ସୁରକ୍ଷିତ ରହିପାରିବ। ଏଣୁ ତହସିଲ, ଆରଆଇ, ସବ୍‌ରେଜିଷ୍ଟର ଅଫିସ ଏବଂ ଜନସେବା କେନ୍ଦ୍ରକୁ ନ ଯାଇ ଘରେ ରହି ଏହି ବିବିଧ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ରାଜସ୍ୱ ଖଜଣା ପୈଠ(ଇ-ପାଉତି), ସାର୍ଟିଫାଏଡ୍ ଏବଂ ଇସି ରାଜସ୍ୱ ସେବା ପାଇପାରିବେ ବୋଲି ଛତ୍ରପୁର ଉପଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ସୂଚନା ଦେଇଛନ୍ତି।

## ପ୍ରବାସୀ ସମସ୍ୟାର ଦୂରୀକରଣ ନେଇ ଦାବିପତ୍ର

**ବ୍ରହ୍ମପୁର ଅଫିସ,୨୨।୯**

ଗଞ୍ଜାମର ପ୍ରବାସୀ ସମସ୍ୟାର ଦୂରୀକରଣ, କୁଶଳୀ ଓ ଅଣକୁଶଳୀ କାରିଗରଙ୍କ ଥଇଥାନ ନେଇ ସାମାଜିକ ସଙ୍ଗଠନ ସୁଗମ ଦାବି କରିଛି। ଏ ନେଇ ମଙ୍ଗଳବାର ସଂଗଠନ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛି। ଗଞ୍ଜାମ ଜିଲାରେ ସରକାରୀ ଉଦାସୀନତା ଯୋଗୁଁ ଦିନକୁ ବେକାରି ସଂଖ୍ୟା ବୃଦ୍ଧି ପାଉଥିବା ସଂଗଠନ କ୍ଷୋଭ ପ୍ରକାଶ କରିଛି। କୋଭିଡ-୯ ଭୟରେ ଜିଲାକୁ ଲକ୍ଷାଧିକ ପ୍ରବାସୀ ଓଡିଆ ଶ୍ରମିକ ଫେରିଥିବା ବେଳେ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ସରକାରଙ୍କ ଉଦାସୀନତା ନୀତି ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସଂଗଠନ କହିଛି। ଏଥିସହ ୩୦ ବର୍ଷ ପୁରାତନ ବ୍ରହ୍ମପୁରର ପାଟ, ପିତ୍ତଳ ଗାମୁଛା, କଟନ ଶାଢୀକୁ କେବଳ ହସ୍ତତନ୍ତ ମଧ୍ୟରେ ସୀମିତ ନ ରଖି ଉକ୍ତ କାରିଗରଙ୍କ ଆର୍ଥିକ ବିକାଶ ଦିଗରେ ଆବଶ୍ୟକ ପ୍ରୋତ୍ସାହନ ପ୍ରଦାନ ଲାଗି ଦାବିପତ୍ରରେ ଉଲ୍ଲେଖ କରିଛି। ଏଥିସହ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ପଦ୍ମନାଭପୁରରେ ବୟନ ଶିଳ୍ପ ପ୍ରତିଷ୍ଠା କରିବା ସହ ରୋଜଗାର ଉଦ୍ଦେଶ୍ୟରେ ବାହାର ରାଜ୍ୟକୁ ଗସ୍ତ କରୁଥିବା ଶ୍ରମିକଙ୍କ ପଞ୍ଜିକରଣ କରିବା, ବ୍ରହ୍ମପୁରରେ ସମସ୍ତ ଟ୍ରେନ୍ ରହଣି ବ୍ୟବସ୍ଥା କରିବା, ସୁରଟରେ ଓଡ଼ିଆ ଶ୍ରମିକଙ୍କ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜଣେ ଆଇଏସ ଅଧିକାରୀଙ୍କୁ ନିଯୁକ୍ତି କରିବା ଆଦି ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ଶ୍ରୀକାନ୍ତ ପାଢୀ, ସଂଗ୍ରାମ ପାଢୀ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଆଲୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ କୃଷି ବିଲ୍‌କୁ ଯୁବ କଂଗ୍ରେସର ବିରୋଧ

**ଫୁଲବାଣୀ ଅଫିସ, ୨୨।୯**

ଲୋକ ସଭା ଏବଂ ରାଜ୍ୟସଭାରେ ନୂତନ କୃଷି ବିଲ୍ ଗୃହୀତ ହୋଇଛି। ଏହି ଅଧାଦେଶ ଦ୍ୱାରା ଚାଷୀ ହତାଦାର ହେବା ଭଳି ଅଭିଯୋଗ କରି ମଙ୍ଗଳବାର କନ୍ଧମାଳ ଯୁବ କଂଗ୍ରେସ ପକ୍ଷରୁ ଫୁଲବାଣୀ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

ଯୁବ କଂଗ୍ରେସ କର୍ମୀମାନେ ସ୍ଥାନୀୟ କୋର୍ଟ ଛକରୁ ଏକ ଟ୍ରାକ୍ଟର ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ସେମାନେ ଏହି ସମୟରେ କେନ୍ଦ୍ର ସରକାରଙ୍କ କୃଷି ମାରଣ ନୀତିକୁ ସମାଲୋଚନା କରିଥିଲେ। ଏପିଏମ୍‌ସି (ଏଗ୍ରିକଲ୍‌ଚରାଲ ପ୍ରଡ୍ୟୁସ ମାର୍କେଟ କମିଟି)କୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଫଳରେ ଚାଷୀ ତାର ଉତ୍ପାଦିତ



ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଦ୍ରବ୍ୟର ଏମ୍‌ଏସ୍‌ପି (ସର୍ବନିମ୍ନ ସହାୟକ ମୂଲ୍ୟ) ଧାର୍ଯ୍ୟ କରିବାରେ ସକ୍ଷମ ହେବ ନାହିଁ। ସଂଘୀୟ ବ୍ୟବସ୍ଥାରେ ରାଜ୍ୟଗୁଡ଼ିକୁ ହୀନ ଚକ୍ଷୁରେ ରଖି କେନ୍ଦ୍ର ସରକାର ଏକଛତ୍ରବାଦ ଶାସନ କରିବାକୁ ଚାହୁଁଛି। ଏହାକୁ ଯୁବ କଂଗ୍ରେସ ଆଦୌ ବରଦାସ୍ତ କରିବ ନାହିଁ। ଆଗାମୀ ଦିନରେ ଚାଷୀଙ୍କୁ ସାମିଲ କରାଯାଇ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଜିଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢ଼ୀ କହିଛନ୍ତି। ପାଢ଼ୀଙ୍କ ନେତୃତ୍ୱରେ ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗାଲ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ଶ୍ରମିକ ନେତା ଘନ କୁମାର ଶବର, ବରିଷ୍ଠ ନେତା ହେମନ୍ତ କର, ସଂସାର ଭୋଇ, ଦୁର୍ଯ୍ୟୋଧନ ପଟ୍ଟନାୟକ, ଅନିତା ସାହାଣୀ, ପୂର୍ବତନ ଯୁବ କଂଗ୍ରେସ ସଭାପତି ନନ୍ଦକିଶୋର ଦାସ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

